ଓଡ଼ିଶା ରାଜ୍ୟ  ଏବଂ ଅନ୍ୟମାନେ ଇତ୍ୟାଦି

ବନାମ

ସଦାଶିବ ମହାନ୍ତି

ଅକ୍ଟୋବର 25, 1996

[କେ. ରାମାସ୍ୱାମୀ ଏବଂ ଏସ୍. ପି. କୁର୍ଦୁକର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଓଡ଼ିଶା ସେବା ସଂହିତା -ନିୟମ 2 (ii), 11,104-ସରକାରୀ ବାସଭବନ ଆବଣ୍ଟନ-ଅବସର ଗ୍ରହଣ କରିଥିବା କର୍ମଚାରୀ -ବାସଭବନରେ ବାସକରିବା  ଜାରି ରଖିଲେ- ଅଧିକ ସମୟ ରହିଥିବାରୁ ଦଣ୍ଡନୀୟ ଭଡ଼ା-ଆଦାୟ କରିବା ପାଇଁ ସରକାରଙ୍କ କ୍ଷମତା-ବଜାୟ ରଖିଲେ- ଯେଉଁଠାରେ ନିୟମ ଲାଗୁ ହୁଏ ନାହିଁ, ଅଧିକ ସମୟ ରହିବା ପାଇଁ ଦଣ୍ଡନୀୟ ଭଡ଼ା ଆଦାୟ କରିବାର କ୍ଷମତା ସରକାରଙ୍କର ନାହିଁ- ସକ୍ଷମ କର୍ତ୍ତୃପକ୍ଷ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଦ୍ୱାରା ଅନୁମୋଦିତ ହୋଇ, ଅବଧି ବାହାରେ ସରକାରୀ କର୍ମଚାରୀମାନେ ଦଣ୍ଡନୀୟ ଭଡ଼ା ଦେବେ- କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ଜଣେ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଧାରିତ ଅବଧି ଅତିକ୍ରମ କ୍ଷେତ୍ରରେ , ଉଚ୍ଚ ନ୍ୟାୟାଳୟ  ପ୍ରତ୍ୟେକ ମାମଲା ଉପରେ ବିଚାର କରି  ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେବେ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 14534/1996 ଇତ୍ୟାଦି ଇତ୍ୟାଦି ।

1992 ର ଓ. ଏ. ସଂଖ୍ୟା 927 ରେ ଭୁବନେଶ୍ୱରଠାରେ ଥିବା ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କର ତାରିଖ 7.1.1993 ର ରାୟ ଏବଂ ଆଦେଶରୁ

ଆବେଦନକାରୀମାନଙ୍କ  ପାଇଁ ପି. ଏନ୍. ମିଶ୍ର ।

ଉତ୍ତରଦାତାମାନଙ୍କ ପାଇଁ କେ. ଏନ୍. ତ୍ରିପାଠୀ, ଜନରଞ୍ଜନ ଦାସ, କେ. ବିଶ୍ୱନାଥନ ଏବଂ କେ. ଭି. ଭେଙ୍କଟରମଣ ।

ନ୍ୟାୟାଳୟଙ୍କର  ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଆବେଦନ ଦ୍ୱାରା ଏହି ଆବେଦନଗୁଡ଼ିକ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱର  ଓ ଏ ସଂଖ୍ୟା  1549/90 ଏବଂ ସମୂହ 25.5.1992 ରେ ଦିଆଯାଇଥିବା ଆଦେଶରୁ  ଉତ୍ପନ୍ନ ହୁଏ ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ ସମସ୍ତ ଉତ୍ତରଦାତା ହେଉଛନ୍ତି ସରକାରୀ କର୍ମଚାରୀ । ସରକାରୀ କର୍ମଚାରୀ ଭାବେ ତାଙ୍କର କାର୍ଯ୍ୟକାଳ ସମୟରେ ସେମାନଙ୍କୁ ଭୁବନେଶ୍ୱର ଏବଂ କଟକରେ ସରକାରୀ ବାସଭବନ ଆବଣ୍ଟନ କରାଗଲା । ଅବସର ଗ୍ରହଣ କରିବା ପରେ ସେମାନେ ବାସଭବନ ଖାଲି କଲେ ନହିଁ, ଯଦିଓ ସେମାନଙ୍କ ଆବଣ୍ଟନକୁ ବାତିଲ କରିଦିଆଯାଇଛି । ଫଳସ୍ୱରୂପ ସରକାର ସେମାନଙ୍କଠାରୁ ଓଡ଼ିଶା ସେବା ସଂହିତା ଅନୁଯାୟୀ ନିର୍ଦ୍ଧାରିତ ଭଡ଼ାର 5 ଗୁଣ ଦଣ୍ଡନୀୟ ଭଡ଼ା ଆଦାୟ କଲେ । ଯେତେବେଳେ ସେମାନେ ନ୍ୟାୟାଧିକରଣରେ ରେ ଭଡା ଆଦାୟକୁ ଆପତ୍ତି କଲେ, ସେ ନିର୍ଣ୍ଣୟ ନେଲେ ଯେ ଏକକାଳୀନ ନିର୍ଦ୍ଧାରିତ ଭଡ଼ା ଠାରୁ ଅଧିକ ଦଣ୍ଡନୀୟ ଭଡା ମାଧମରେ କ୍ଷୟକ୍ଷତିର ଆକଳନକରିବାକୁ ସରକାରଙ୍କର କୌଣସି କ୍ଷମତା ନାହିଁ । ତେଣୁ ସରକାରଙ୍କ ଦ୍ୱାରା ପାରିତ ଆଦେଶ ଆଇନଗତ ବୈଧ ନୁହେଁ । ରାଜ୍ୟ ପାଇଁ ବିଦ୍ୱାନ ଅଧିବକ୍ତା  ଶ୍ରୀ ପି. ଏନ୍. ମିଶ୍ର ଯୁକ୍ତି ବାଢ଼ିଛନ୍ତି ଯେ ନ୍ୟାୟାଧିକରଣଙ୍କ  ଦ୍ୱାରା ନିଆଯାଇଥିବା ମତ ଓଡ଼ିଶା ସେବା ସଂହିତାର ନିୟମ 11 (ସଂକ୍ଷେପରେ, 'ସଂହିତା') ର ବିପରୀତ ଅଟେ, ଯେଉଁଥିରେ ବିବେଚନା କରାଯାଏ ଯେ ଜଣେ ସରକାରୀ କର୍ମଚାରୀ, ଅବସର ନେବା ପରେ, ଯଦି ସେ ନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା ସର୍ବାଧିକ ଚାରି ମାସର ଅବଧିଠାରୁ ଅଧିକ ରୁହନ୍ତି, ତେବେ ତାଙ୍କୁ ବାସଭବନରେ ରହିଥିବା ଅବଧି ପାଇଁ ଆଦାୟ କରାଯାଉଥିବା ନିର୍ଦ୍ଧାରିତ ଭଡ଼ା ହାରର 5 ଗୁଣ ହାରରେ ଦଣ୍ଡନୀୟ ଭଡ଼ା ଦେବାକୁ ପଡିବ । ତେଣୁ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନଗତ ସଠିକ  ନୁହେଁ ।

ନିୟମାବଳୀର ପରିଶିଷ୍ଟ ଉପରେ ନିର୍ଭର କରି ଉତ୍ତରଦାତାମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତା ଶ୍ରୀ ଜନରଞ୍ଜନ ଦାସ ଯୁକ୍ତି ବାଢ଼ିଛନ୍ତି ଯେ ସରକାର ବାସଭବନ ଆବଣ୍ଟନ ପାଇଁ ପ୍ରକ୍ରିୟା ନିର୍ଦ୍ଧାରଣ କରିଛନ୍ତି ଏବଂ ବାସଭବନ ଉପଯୋଗ ପାଇଁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଧାରିତ ଭଡ଼ା ଦେବାକୁ ପଡିବ । ଅନ୍ୟ ଶବ୍ଦରେ କହିବାକୁ ହେଲେ, ଅଧିକ ସମୟ ରହିବା ପାଇଁ ନିର୍ଦ୍ଧାରିତ ଭଡ଼ାର ପାଞ୍ଚ ଗୁଣ ଭଡା ସ୍ଥିର କରିବାର କୌଣସି କ୍ଷମତା ନାହିଁ ।

ତେଣୁ ପ୍ରଶ୍ନ ହେଉଛି : ନ୍ୟାୟାଧିକରଣଙ୍କ ମତ ଆଇନ ଦୃଷ୍ଟିରୁ ଠିକ୍ କି ? ଅଧିକନ୍ତୁ ଏହା ଦେଖିବାକୁ ମିଳେ ଯେ ନିୟମାବଳୀର ନିୟମ 104 ଅନୁଯାୟୀ, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ନିୟମ ଓ ସର୍ତ୍ତ ଅନୁଯାୟୀ, ବାସଭବନ ଆବଣ୍ଟନକୁ ନିୟନ୍ତ୍ରଣ କରିବା ପାଇଁ ସରକାର ନିଜର କ୍ଷମତା ସଂରକ୍ଷିତ ରଖିଛନ୍ତି । ନିୟମ 11, ଯଥାସ୍ଥିତି ସରକାରଙ୍କ ମାଲିକାନାରେ ଥିବା କିମ୍ବା ସରକାରଙ୍କ ଦ୍ୱାରା ଭଡାରେ ଦିଆଯାଇଥିବା ଅଧିକାରୀମାନଙ୍କୁ ବାସଭବନ ଆବଣ୍ଟନ ବିଷୟରେ ବ୍ୟବସ୍ଥା ରଖେ, ସାଧାରଣ କିମ୍ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା ନିୟମ  2 (ii), ପୂର୍ବରୁ ଉଲ୍ଲେଖ ଥିବା ଖଣ୍ଡ (b) ରେ ନିର୍ଦ୍ଧାରିତ ଭଡା ଠାରୁ ଅଧିକ ଭଡା ସ୍ଥିର କରିବା ପାଇଁ ବ୍ୟବସ୍ଥା ରଖେ । ଖଣ୍ଡ (6) ରେ ବ୍ୟବସ୍ଥା ରହିଛି ଯେ, ଆବଣ୍ଟନ ବାତିଲ ହେବା ପରେ, ଯଦି ସରକାରୀ କର୍ମଚାରୀ ବାସଭବନ ଖାଲି ନ କରନ୍ତି, ତେବେ ସରକାରଙ୍କର  ଦଣ୍ଡନୀୟ ଭଡ଼ା ଆଦାୟ କରିବାର କ୍ଷମତା ଅଛି । ଏଥିପାଇଁ, ତାରିଖ ଡିସେମ୍ବର 12, 1986 ରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରକ୍ରିୟା ସ୍ଥିର କରାଯାଇଛି । ଏଥିରେ ଖଣ୍ଡ (2) ରେ ସଂକ୍ଷିପ୍ତରେ କୁହାଯାଇଛି ଯେ

ଜଣେ ସରକାରୀ କର୍ମଚାରୀ ଯିଏ ସ୍ୱାସ୍ଥ୍ୟ କିମ୍ବା ଅନ୍ୟ ନିତାନ୍ତ ବାଧ୍ୟତାମୂଳକ କାରଣରୁ ବାସଭବନ ଖାଲି କରିପାରିବେ ନାହିଁ, ସେ ବାସଭବନ ପାଇଁ ସ୍ଥିର ହୋଇଥିବା ନିର୍ଦ୍ଧାରିତ ଭଡ଼ାର ଅଗ୍ରୀମ ଦେୟ ଉପରେ ଭୂସମ୍ପତ୍ତି ନିର୍ଦ୍ଦେଶକଙ୍କ ପୂର୍ବ ଲିଖିତ ଅନୁମତି କ୍ରମେ କେବଳ ଏକ ମାସ ପାଇଁ ବାସଭବନରେ ରହିପରିବେ । ଅନ୍ୟ ଅର୍ଥରେ କହିଲେ, ଅବସର ଗ୍ରହଣ/ସ୍ଥାନାନ୍ତରଣ ପରେ ସରକାରୀ କର୍ମଚାରୀଙ୍କୁ ଭୂସମ୍ପତ୍ତି ନିର୍ଦ୍ଦେଶକଙ୍କ ପୂର୍ବ ଲିଖିତ ଅନୁମତି କ୍ରମେ ପ୍ରକୃତ କାରଣ ବିନା ବାସଭବନ ଖାଲି କରିବାକୁ ପଡିବ । ସେ କେବଳ ଏକ ମାସ ଅବଧି ପାଇଁ ବାସଭବନରେ ରହିବାକୁ ହକଦାର ହେବେ, ତାହା ମଧ୍ୟ ନିର୍ଦ୍ଧାରିତ ଭଡ଼ା ଆଗୁଆ ପଇଠ କରିବା ପରେ । ଖଣ୍ଡ (5) ରେ ପରିକଳ୍ପନା କରାଯାଇଛି ଯେ ଯାହା ସଂହିତା  ନିୟମରେ ପ୍ରଦାନ କରାଯାଇଛି, ଚାରି ମାସ ପାଇଁ ସାଧାରଣ ଭଡ଼ାର  ଅଗ୍ରିମ ପ୍ରଦାନ ଉପରେ ଜଣେ ସରକାରୀ କର୍ମଚାରୀ ଅବସର ନେବା ପରେ ତାଙ୍କ ଦ୍ୱାରା ଅଧିକୃତ ବାସଭବନକୁ ସର୍ବାଧିକ ଚାରି ମାସ ପାଇଁ ରଖିବାକୁ ଅନୁମତି ଦିଆଯାଇପାରେ । କିନ୍ତୁ ତାଙ୍କ ଡି ସି ଆର୍ ଜି ସରକାରୀ ବାସଭବନ ଖାଲି କରିବା ପରେ ହିଁ ଜାରି ହେବ । ସାଧାରଣ ଭଡ଼ା ତୁଳନାରେ ପାଞ୍ଚ ଗୁଣ ହାରରେ ମଧ ଭଡ଼ା ଚାରି ମାସ ପରେ ବାସଭବନରେ ରହିଥିବା ଅବଧି ପାଇଁ ଆଦାୟ କରାଯିବ ।

ତେଣୁ, ଏହା ଦେଖିବାକୁ ମିଳେ ଯେ ଜଣେ ସରକାରୀ କର୍ମଚାରୀ, ଯେତେବେଳେ  ସରକାରୀ କର୍ମଚାରୀ ନରୁହନ୍ତି, ତାଙ୍କୁ ଖଣ୍ଡ (5) ଅନୁଯାୟୀ ନିର୍ଦ୍ଧାରିତ ଭଡ଼ା ପ୍ରଦାନ କରିବା ଆଧାରରେ, ଚାରି ମାସର ଅବଧି ଶେଷ ହେବା ପରେ ପରିସର ଖାଲି କରିବାକୁ ପଡ଼ିଥାଏ । ଯଦି ସେ ଚାରି ମାସରୁ ଅଧିକ ସମୟ ରୁହନ୍ତି, ତେବେ ନିୟମ ଅନୁଯାୟୀ ନିର୍ଦ୍ଧାରିତ ଭଡ଼ା ହାରର ପାଞ୍ଚ ଗୁଣ ହାରରେ ତାଙ୍କଠାରୁ  ଭଡ଼ା ଆଦାୟ କରାଯିବ । ଶ୍ରୀ ଜନରଞ୍ଜନ ଦାସଙ୍କ ଦ୍ୱାରା ନିର୍ଭର କରାଯାଇଥିବା ନିୟମାବଳୀର ପରିଶିଷ୍ଟର ଏହି ମାମଲାଗୁଡ଼ିକ ସହିତ କୌଣସି ସମ୍ପର୍କ ନାହିଁ । ଏଥିରେ, ଯଦି ଜଣେ ସରକାରୀ କର୍ମଚାରୀଙ୍କ ପାଖରେ ଏକ ବାସଭବନ ଥାଏ, କିନ୍ତୁ ଯଦି ସେ ଜାଲିଆତି କରି ସେହି ବସଭାବନର ଆବଣ୍ଟନ ପାଇଥାନ୍ତି, ତେବେ ସରକାରଙ୍କର  ନିୟମ ଅନୁଯାୟୀ ତାଙ୍କୁ ଉଚ୍ଛେଦ କରିବାର ଅଧିକାର ରହିଛି, କିନ୍ତୁ ତାଙ୍କୁ କେବଳ ନିର୍ଦ୍ଧାରିତ ଭଡ଼ା ଦେବାକୁ ପଡ଼ିବ । ଯେତେବେଳେ ସେ ଆବଣ୍ଟିତ ବାସଭବନର ବାହ୍ୟ ଆବସରେ ଦଖଲରେ ଥିଲେ ଏବଂ ଏହାକୁ ଛାଡି ଦିଅନ୍ତି ଏବଂ ଭୂସମ୍ପତ୍ତି ଅଧିକାରୀଙ୍କ ଅନୁମତି ବିନା, ତାଙ୍କୁ ଆବଣ୍ଟିତ ହୋଇଥିବା ବାସଭବନ ପାଇଁ ଏବଂ ବାହ୍ୟ ଆବାସ ପାଇଁ ମଧ୍ୟ ନିର୍ଦ୍ଧାରିତ ଭଡ଼ା ଦେବାକୁ ପଡିବ । ଏହା ସୂଚିତ କଲା  ଯେ ତାହା ସ୍ୱତନ୍ତ୍ର ପରିସ୍ଥିତିର ମୁକାବିଲା କରିବାରେ ଆବଶ୍ୟକ ଥିଲା । କିନ୍ତୁ ସାଧାରଣ ପରିସ୍ଥିତିରେ, ନିୟମ 11 ର ପରିଶିଷ୍ଟ, ଚାରି ମାସ ପରେ ଅଧିକ ସମୟ ରହୁଥିବା ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ସହାୟକ ହୋଇନଥାଏ । ତେଣୁ ନ୍ୟାୟାଧିକରଣ ତାଙ୍କର ସିଦ୍ଧାନ୍ତରେ ସମ୍ପୂର୍ଣ୍ଣଭାବେ ଆଇନଗତ ଠିକ ନଥିଲେ,  ଯେ ଚାରି ମାସର ଅବଧି ଶେଷ ହେବା ପରେ ସରକାର ଦଣ୍ଡନୀୟ ଭଡ଼ା ଆଦାୟ କରିବାକୁ ହକଦାର ନୁହଁନ୍ତି ।

ଓ ଏ ସଂଖ୍ୟା 2078/92 ତାରିଖ 18.11.1993 ରେ ନ୍ୟାୟାଧିକରଣଙ୍କ ଆଦେଶ ବିରୁଦ୍ଧରେ ଦାଖଲ ହୋଇଥିବା ଏସ ଏଲ  ପି  (ସି ) ସଂଖ୍ୟା 14606/94 ରୁ ଉତ୍ପନ୍ନ ଆବେଦନ ସମ୍ବନ୍ଧରେ ସ୍ୱୀକୃତ ସ୍ଥିତି ହେଉଛି ଯେ

ଉତ୍ତରଦାତା  କରଞ୍ଜିଆରେ ଏକ ସରକାରୀ ବାସଭବନରେ  ରହୁଥିଲେ । ଏହା ଦେଖିବାକୁ ମିଳେ ଯେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଉପରୋକ୍ତ ନିୟମାବଳୀ କଟକ ଏବଂ ଭୁବନେଶ୍ୱରରେ ସରକାରୀ କର୍ମଚାରୀଙ୍କୁ ଆବଣ୍ଟିତ ବାସଭବନ ସହିତ ଜଡିତ । ଏଭଳି ପରିସ୍ଥିତିରେ କଟକ ଏବଂ ଭୁବନେଶ୍ୱରରେ ସରକାରଙ୍କ ଅଧିକୃତ କିମ୍ବା ମାଲିକାନାରେ ଥିବା ବାସଭବନଗୁଡ଼ିକ  ପାଇଁ  ନିର୍ଦ୍ଧାରିତ ସୀମାଠାରୁ ଅଧିକ ଦଣ୍ଡନୀୟ ଭଡ଼ା ଆଦେଶ ପାଇଁ ସ୍ୱତନ୍ତ୍ର ଆଦେଶ ଦ୍ୱାରା ନିର୍ଦ୍ଧାରିତ ବାଧ୍ୟତାମୂଳକ ଆଦାୟ , ନିୟମ କିମ୍ବା ସାଧାରଣ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ଅନ୍ୟ ସ୍ଥାନରେ ସରକାରଙ୍କ ମାଲିକାନାରେ କିମ୍ବା ଦଖଲରେ ଥିବା ଆବାସ ଗୁଡ଼ିକ ପାଇଁ  ଦଣ୍ଡନୀୟ ଭଡ଼ା ଆଦାୟ କରିବାର କୌଣସି କ୍ଷମତାକୁ ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି । ତେଣୁ ନ୍ୟାୟାଧିକରଣ କେବଳ ସେହି ମାମଲା ସମ୍ବନ୍ଧରେ ଠିକ୍ ଥିଲେ । କିନ୍ତୁ ଅନ୍ୟ ସମସ୍ତ କ୍ଷେତ୍ରରେ, ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶ ଚୂଡ଼ାନ୍ତ ହୋଇଛି । ଅଧିକ ସମୟ ରହିବା ପାଇଁ ଦଣ୍ଡନୀୟ ଭଡ଼ା ଆଦାୟ କରିବାର କ୍ଷମତା ସରକାରଙ୍କ ପାଖରେ ନାହିଁ । ଯଦି ଏହି ମାମଲା ସମ୍ବନ୍ଧୀୟ କର୍ମଚାରୀ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ ଅବଧିଠାରୁ ଅଧିକ ସମୟ ରହନ୍ତି, ସରକାରୀ କର୍ମଚାରୀମାନଙ୍କୁ ଯଥାସ୍ଥିତି ସକ୍ଷମ କର୍ତ୍ତୃପକ୍ଷ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଦ୍ୱାରା ଅନୁମୋଦିତ ଅବଧିଠାରୁ ଅଧିକ ଦଣ୍ଡନୀୟ ଭଡ଼ା ଦେବାକୁ ପଡିବ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟେକ ମାମଲାକୁ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ବିଚାରକରାଯିବା ଆବଶ୍ୟକ, ଯାହା ଜଣେ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଧାରିତ ଅବଧି ବାହାରେ ଅନୁମତି ଦେବା ପାଇଁ ନିର୍ଦ୍ଦେଶ ଦେଇଥାଏ । ଏହାର ଉଦ୍ଦେଶ୍ୟ ହେଉଛି ସ୍ଥାନାନ୍ତର କିମ୍ବା ଆବଣ୍ଟନ ଅପେକ୍ଷାରେ ଥିବା ସରକାରୀ କର୍ମଚାରୀଙ୍କୁ ବାସଭବନ ଯୋଗାଇବାକୁ ଉଦ୍ଦିଷ୍ଟ କରିବା ।

ତଦନୁସାରେ ଏହି  ପରିସ୍ଥିତିରେ ଆବେଦନଗୁଡିକ ଉପରୋକ୍ତ କ୍ଷେତ୍ର ପର୍ଯ୍ୟନ୍ତ ଅନୁମତି ଦିଆଯାଏ, କିନ୍ତୁ ବିନା ଖର୍ଚ୍ଚରେ ।

ଜି . ଏନ .

ଅନୁମୋଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।